2025120608

ଓୟୁଏଟି ପ୍ରକାଶନ ସଂଖ୍ୟା : ୨୦୨୫୧୨୦୬୦୮

# ବ୍ୟବସାୟିକ ଭିତ୍ତିରେ ସୀତାଫଳ ଚାଷ



## :ସମ୍ପାଦନା ମଣ୍ଡଳୀ:

**ଡ. ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ
(ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ପାଣିପାଗ)

**ଇଂ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ଇଞ୍ଜିନିୟରିଂ)

: ମୁଖ୍ୟ ସମ୍ପାଦକ :

**ଡ. ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ସୀତାଫଳ ଚାଷ

ସଂପାଦନା:
ଡ. ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
ଲେଖକ:
ଡ. ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)
ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ : (କୃଷି ପାଣିପାଗ)
ଇଂ ଜାନୁଆରିୟସ୍ କୁଜୁର୍
ବିଷୟ ବସ୍ତୁ ବିଶେଷଜ୍ଞ :(କୃଷି ଇଞ୍ଜିନିୟରିଂ)

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ରା. ଉଦୟଗିରି, ଗଜପତି-୭୬୧୦୧୬

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ICAR

# ବ୍ୟବସାୟିକ ଭିତ୍ତିରେ ସୀତାଫଳ ଚାଷ

ସୀତାଫଳ ଗୋଟିଏ ଶୁଷ୍କାଞ୍ଚଳ ଫଳ । ଅନୁର୍ବର ମାଟି ଏବଂ କମ୍ ପରିଶ୍ରମରେ ମଧ୍ୟ ଏଥିରୁ ଅମଳ ମିଳିଥାଏ । ଗଜପତି ଜିଲ୍ଲାର ଜଳବାୟୁ ସୀତାଫଳ ଚାଷ ପାଇଁ ଉପଯୁକ୍ତ ।

## ସୀତାଫଳର ଔଷଧୀୟ ଗୁଣ:

ଏହାର ଫଳରେ ଭିଟାମିନ୍ 'ଗ' ଓ ଧାତବଲବଣ ରହିଛି । ଏହା ଶରୀରରେ ରୋଗ ସହିବା ଶକ୍ତି ବୃଦ୍ଧି କରେ । ଥଣ୍ଡାଜ୍ୱର ଭଳି ସାଧାରଣ ରୋଗରୁ ସୁରକ୍ଷା ଦିଏ । ଏଥିରେ ଥିବା ଫାଇବର୍ ପାଚନ ଶକ୍ତି ବୃଦ୍ଧି କରେ । ଏଥିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟି ଅକ୍ସିଡେଣ୍ଟ ଥିବା ଯୋଗୁଁ ହୃଦୟ ଜନିତ ରୋଗ ଦୂର କରିଥାଏ । ଏହା ମାନସିକ ଚାପ କମାଇବା ସଙ୍ଗେ ସଙ୍ଗେ ରକ୍ତହୀନତା ରୋଗ ଦୂର କରିଥାଏ । ସୀତାଫଳ ଗର୍ଭବତୀ ମହିଳା, ଆଜ୍ମା, ଶ୍ୱାସଜନିତ ତଥା କ୍ୟାନ୍ସର ରୋଗୀଙ୍କ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ।

## ଜଳବାୟୁ :

ସୀତାଫଳ ଗ୍ରୀଷ୍ମ ମଣ୍ଡଳ ଏବଂ ଉପଗ୍ରୀଷ୍ମ ମଣ୍ଡଳ ଅଞ୍ଚଳରେ ଭଲ ହୁଏ । ମଧ୍ୟମ ଓ ଆର୍ଦ୍ର ଶୀତଋତୁ ଏବଂ ବରଫପାତ ନ ହେଉଥିବା ଆମ ରାଜ୍ୟର ଅଧିକାଂଶ ସ୍ଥାନରେ ଏହି ଚାଷକୁ ଲାଭଜନକ ଭାବେ କରାଯାଇପାରିବ ।



## ମୃତ୍ତିକା :

ନିଗିଡ଼ା ଏବଂ ଯେଉଁ ଜମିରେ ଅନ୍ୟ ଫଳଚାଷ ହୋଇ ନ ପାରେ ସେଥିରେ ବଡ଼ିଆଳ ଚାଷ ମଧ୍ୟ କରାଯାଇପାରେ । ଉର୍ବର, ଦୋରସା ବା ବାଲିଦୋରସା ଏବଂ ମାଟିର ଅମ୍ଳତା (ପି.ଏଚ୍.) ୬.୫-୭.୫ ଥିବା ଅଞ୍ଚଳରେ ଅଧିକ ଅମଳ ମିଳିଥାଏ । ଏହାର ଚେର ଅଧିକ ଗଭୀରକୁ ଯାଏ ନାହିଁ ।

## କିସମ :

**ନୀଳ ଚୋପା-** ବାଲ ନଗର, ସାହାରାନପୁର ଲୋକାଲ, ବ୍ରିଟିଶ୍ ଗୁନିଆ, ଓ୍ୱାଶିଂଟନ, ବାରବାଡ଼ସ୍ ସିଡ଼ଲିଙ୍ଗ ଇତ୍ୟାଦି ।

**ସଙ୍କର କିସମ-** ଆର୍କା ସାହାନ, ଇସ୍ରାଏଲି ସିଲେକ୍ସନ୍, ଇସ୍ରାଏଲି ହାଇବ୍ରିଡ଼, ଆର୍କା ନୀଳାଚଳ ବିକ୍ରମ, ଆର୍କା ନିଳାଚଳ ପ୍ରଭା ।

## ବଂଶ ବିସ୍ତାର :

ବ୍ୟବସାୟ ଭିତ୍ତିକ ଚାଷ ପାଇଁ ମଞ୍ଜିରୁ ହୋଇଥିବା ଚାରା ନ ଲଗାଇ କଲମୀ ଗଛ ଲଗାଇବା ଉଚିତ । ସିଲ୍ଡ଼/ ପ୍ୟାଚ/ ଟି ବଡ଼ିଙ୍ଗ କିମ୍ବା ଭିନିଅର ଗ୍ରାଫଟିଙ୍ଗ ଦ୍ୱାରା ଜାନୁୟାରୀ-ଫେବୃୟାରୀ ମାସରେ କଲମୀ କରାଯାଏ । କଲମୀ ଗଛ ନିରୋଗ ଏବଂ ୬-୧୨ ମାସର ହେବା ଉଚିତ ।



## ଚାରା ଲଗାଇବା :

ଜୁଲାଇ-ଅଗଷ୍ଟ ମାସରେ ଚାରା ଲଗାଯାଏ। ଚାରା ଲଗାଇବାର ୨ ମାସ ପୂର୍ବରୁ ୪ମି.×୪ମି. (୬୨୫ ଗଛ/ହେକ୍ଟର) କିମ୍ବା ୫ମି.×୫ମି. (୪୦୦ ଗଛ/ ହେକ୍ଟର) ବ୍ୟବଧାନରେ ବର୍ଗାକାର କ୍ଷେତ୍ରରେ ୬୦ ସେ.ମି. ଲମ୍ବ, ପ୍ରସ୍ଥ ଓ ଗଭୀରର ଗାତ ଖୋଳି, ଖରା ଦେଇ ଗାତ ପ୍ରତି ୩୦ କି.ଗ୍ରା. କମ୍ପୋଷ୍ଟ, ୫୦ ଗ୍ରାମ୍ କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ଏବଂ ଉପର ମାଟି ଦେଇ ପୂରଣ କରାଯାଏ। ଘଞ୍ଚ ବଗିଚାରେ ପରାଗ ସଙ୍ଗମ ଠିକ୍ ହୋଇ ଅଧିକ ଫଳଧାରଣ କରିଥାଏ। ଚାରା ଲଗାଇବା ସମୟରେ କଲମୀ ଯୋଡ଼ ମାଟି ଠାରୁ ୨୦ ସେ.ମି. ଉପରେ ରହିବା ଉଚିତ। ଚାରା ଲଗାଇବା ପରେ ଜଳସେଚନ କରି ସିଧା ବଢ଼ିବା ପାଇଁ ବାଡ଼ିଟିଏ ପୋତି ବାନ୍ଧି ଦେବା ଉଚିତ।

## ଖତସାର :

ବଢ଼ିଆଳ ଗଛରେ ପ୍ରାୟତଃ ଖତସାର ଦିଆଯାଏ ନାହିଁ। ଖତସାର ପ୍ରୟୋଗ ଦ୍ଵାରା ଫଳର ମାନ ଓ ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ବଗିଚାର ଜୀବନ କାଳ ମଧ୍ୟ ବୃଦ୍ଧି ପାଇଥାଏ। ଯବକ୍ଷାରଜାନ ଅଭାବରେ ପତ୍ର ହଳଦିଆ ହୁଏ,



ଫସଫରସ ଅଭାବରେ ପତ୍ର ଅଗ ଏବଂ ଧାର ଶୁଖିଆସେ ଓ ପୋଟାସିୟମ୍ ଅଭାବରେ ପତ୍ର ଧାରରେ ଦାଗ ଦେଖାଯାଏ। ତେଣୁ ଗଛ ପ୍ରତି ଖତସାର (ଗ୍ରାମ୍‌ରେ) ନିମ୍ନରେ ପରିମାଣରେ ବର୍ଷା ଆରମ୍ଭ (ଜୁନ୍-ଜୁଲାଇ)ରେ ପ୍ରୟୋଗ କରନ୍ତୁ।

| ଗଛର ବୟସ | କମ୍ପୋଷ୍ଟ (କି.ଗ୍ରା.) | ୟୁରିଆ | ସି. ସୁପର ଫସଫେଟ୍ | ମ୍ୟୁ. ଅଫ୍ ପଟାସ |
|---|---|---|---|---|
| ୧ | ୨୫ | ୧୧୦ | ୩୨୦ | ୮୦ |
| ୨ | ୨୫ | ୧୬୫ | ୪୦୦ | ୧୦୦ |
| ୩ | ୩୦ | ୨୨୦ | ୪୮୦ | ୧୨୦ |
| ୪ | ୪୦ | ୨୭୫ | ୫୬୦ | ୧୪୦ |
| ୫ | ୫୦ | ୩୩୦ | ୬୪୦ | ୧୬୦ |
| ୬ ଏବଂ ଅଧିକ | ୫୦ | ୫୫୦ | ୮୦୦ | ୨୦୦ |

ସମସ୍ତ ସାରକୁ ଗଛ ମୂଳ ଠାରୁ ୩୦ ସେ.ମି. ଦୂରଠାରୁ ଡାଳ ମେଲିଥିବା ପରିଧି ପର୍ଯ୍ୟନ୍ତ ମାଟିରେ ଭଲ ଭାବରେ ମିଶାଇ ଦେବା ଉଚିତ। ଗଛ ଠାରୁ ୧.୫ ମିଟର ଦୂରରେ ୧୫-୨୦ ସେ.ମି. ଗଭୀରର ନାହି (ଟ୍ରେଞ୍ଚ) ଖୋଳି ମଧ୍ୟ ସାର ପ୍ରୟୋଗ କରାଯାଏ।

**ପରବର୍ତ୍ତୀ ଯତ୍ନ :**

କଲମୀ ଯୋଡ଼ର ତଳ ଅଂଶ ଏବଂ ମାଟି ଠାରୁ ୭୫-୧୦୦ ସେ.ମି. ଯାଏଁ ବାହାରିଥିବା ସମସ୍ତ ଡାଳ କାଟିଦେଇ ପରେ ୪-୫ଟି ଡାଳ ବିଭିନ୍ନ ଦିଗକୁ ବଢ଼ିବାକୁ ଦିଆଯାଏ। ସମୟାନୁସାରେ ଅନାବନା ଗଛ ସଫା କରାଯିବା ଉଚିତ। ଗଛ ଠାରୁ ୩୦ ସେ.ମି. ଦୂରରେ ମନ୍ଦାକରି ଜଳସେଚନ କରାଯାଏ। ଗୋଟିଏ ଫଳନ୍ତି ଗଛ ଦିନକୁ ପ୍ରାୟ ୪୦ ଲିଟର ପାଣି ଦରକାର କରିଥାଏ। ଏହାର ଫୁଲ ମାର୍ଚ୍ଚ-ଅପ୍ରେଲ ମାସରେ ଆସୁଥିବାରୁ ଖରାଦିନରେ ୧୦-୧୫ ଦିନ ବ୍ୟବଧାନରେ ଜଳସେଚନ କଲେ ଅମଳ ବଢ଼ିଥାଏ। ଶୁଷ୍କାଞ୍ଚଳରେ ମାଠିଆ ପୋତି ବା କଣ୍ଟୁର ବନ୍ଧ ନିର୍ମାଣ କରି ଜଳକୁ ଧରି ରଖିବା ଉଚିତ। ବର୍ଷା ଦିନରେ ବଗିଚାକୁ ହଳ କରିଦେଲେ ଅଧିକ ଜଳ ମାଟି ଭିତରକୁ ଯାଇଥାଏ। ଫୁଲ ସମୟରେ ୮ ଦିନ ବ୍ୟବଧାନରେ ଦୁଇଥର ଏନ.ଏ.ଏ. (୧ ମି.ଲି./ ୫୦ ଲିଟର ପାଣି) ସ୍ପ୍ରେ କଲେ ଅଧିକ ଫଳ ଧରିଥାଏ।



# ରୋଗ ପୋକ ପରିଚାଳନା :

## ୧. ପତ୍ରଦାଗ ରୋଗ :

ନଭେମ୍ବର-ଡିସେମ୍ବର ମାସରେ ପତ୍ରରେ ମାଟିଆରୁ କଳା ଦାଗ ଦେଖାଯାଇ ଅଧିକ ହେଲେ ପତ୍ର ଶୁଖି ଝଡ଼ିପଡ଼େ ।

**ପ୍ରତିକାର :** କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. (୧.୫ ଗ୍ରାମ୍/ ଲିଟର) ସ୍ପ୍ରେ କରନ୍ତୁ ।

## ୨. ଚୁନିଆ ପୋକ :

ପାଉଁଶିଆରୁ ଧଳା ରଙ୍ଗର କଅଁଳିଆ ଦେହ ପୋକଗୁଡ଼ିକ କଅଁଳ ଡାଳ, ପତ୍ର ଓ ଫଳରେ ଲାଗିଥିବାର ଦେଖାଯାନ୍ତି । ଏଗୁଡ଼ିକ ରସ ଶୋଷି ଖାଆନ୍ତି । ଫଳରେ ଲାଗିଲେ ଗ୍ରାହକ ପସନ୍ଦ ହୁଏନାହିଁ ।

**ପ୍ରତିକାର :** ଗଛରେ ଡାଇମିଥୋଏଟ୍ (ରୋଗର ୨ ମି.ଲି./ ଲିଟର ପାଣି) ସ୍ପ୍ରେ କରନ୍ତୁ । ବଗିଚାରେ ପିମ୍ପୁଡ଼ିମାନଙ୍କୁ ଦମନ କରନ୍ତୁ ।



# ଅମଳ :

କଲମୀ ଗଛ ୪-୫ ବର୍ଷ ଠାରୁ ଫଳ ଆରମ୍ଭ କରି ୧୫-୨୦ ବର୍ଷ ଯାଏଁ ଫଳ ଦେଇଥାଏ । ଫଳର ରଙ୍ଗ ସବୁଜରୁ ହାଲକା ସବୁଜ ହେବା ସଙ୍ଗେ ସଙ୍ଗେ କୋଲାଗୁଡ଼ିକ ମଧ୍ୟରେ ଫାଙ୍କ ଦେଖାଗଲେ ଫଳ ପାକଳ ହେଲା ବୋଲି ଜଣାଯାଏ । ଆମ ରାଜ୍ୟରେ ସେପ୍ଟେମ୍ବର ଠାରୁ ନଭେମ୍ବର ମାସ ଯାଏଁ ଏହି ଫଳ ଅମଳ କରାଯାଏ । ଫଳକୁ ହାତରେ ତୋଳାଯାଏ । ସମସ୍ତ ଫଳକୁ ଗୋଟିଏ ଥରରେ ନ ତୋଳି ୩-୪ ଥରରେ ତୋଳିବା ଉଚିତ । ଗୋଟିଏ ଫଳନ୍ତି ଗଛ (୭-୧୦ ବର୍ଷ) ବର୍ଷକୁ ପ୍ରାୟ ୧୦୦-୧୫୦ ଗୋଟି ଫଳ ଦେଇଥାଏ । ହେକ୍ଟର ପ୍ରତି ବାର୍ଷିକ ୫-୭ ଟନ୍ ଫଳ ଉତ୍ପାଦିତ ହୋଇଥାଏ ।






କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

email : kvk.gajapati@ouat.ac.in